# ମିସନ୍ ଆଶ୍ବାରେ ବିଶ୍ୱ ମାନବାଧିକାର ଦିବସ



ଖଣ୍ଡଗିରି, ୧୦।୧୨ (ଇମିସ): ଆଜି ଯାଁଳା- ଗୌଡ଼କାଶୀପୁରସ୍ଥିତ ମିସନ୍ ଆଶ୍ବାରେ ବିଶ୍ୱ ମାନବାଧିକାର ଦିବସ ପାଳିତ ହୋଇଯାଇଛି। ମାନସିକ ବିକାରଗ୍ରସ୍ତ ପରିତ୍ୟକ୍ତ ମହିଳାମାନଙ୍କ ଚିକିତ୍ସା ଓ ଥଇଥାନ ପାଇଁ ଉଦ୍ଦିଷ୍ଟ ଏହି କେନ୍ଦ୍ରରେ ରାଜ୍ୟ ମାନବିକ ଅଧିକାର କମିସନ୍‌ର କାର୍ଯ୍ୟକାରୀ ଅଧ୍ୟକ୍ଷ ନ୍ୟାୟମୂର୍ତ୍ତି ବୀରକିଶୋର ମିଶ୍ର ସଭାପତିତ୍ୱ କରିଥିଲେ। ତଦନ୍ତ ନିର୍ଦ୍ଦେଶକ ତଥା ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ମନୋଜ ଛାବ୍ରା, ରାଜ୍ୟ ମାନବାଧିକାର କମିସନ୍‌ର ସଚିବ ଆନନ୍ଦ ଚନ୍ଦ୍ର ସିଅଳ, ଖୋର୍ଦ୍ଧା ଜିଲ୍ଲାପାଳ ନିରଂଜନ ସାହୁ, କଟକ ବଡ଼ମେଡିକାଲର ମନସ୍ତତ୍ତ୍ୱ ବିଭାଗ ମୁଖ୍ୟ ପ୍ରଫେସର ନୀଳମାଧବ ରଥ ଓ ପିପୁଲ୍‌ସ ଫୋରମ୍ ଅଧ୍ୟକ୍ଷ ଗୋବିନ୍ଦ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବହୁ ଚିତ୍ରଶିଳ୍ପୀ ଆଶ୍ବା ପରିସରରେ ଅନ୍ତେବାସୀମାନଙ୍କୁ ଚିତ୍ର ଆଙ୍କି ଖୁସି କରାଇଥିଲେ। ଚିତ୍ରକଳା ମାଧ୍ୟମରେ ମାନସିକ ବିକାରଗ୍ରସ୍ତ ରୋଗୀଙ୍କ ଚିକିତ୍ସା ହୋଇ ପାରିବ ବୋଲି ପ୍ରଫେସର ରଥ ସୂଚନା ଦେଇଥିଲେ।